# NATIONAL NEWS BULLETIN (ODIA)
## 19 May - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର 'ମନ୍ କି ବାତ୍' ମାସିକ ରେଡିଓ କାର୍ଯ୍ୟକ୍ରମରେ ଆସନ୍ତା ୨୫ ତାରିଖରେ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀରେ ନୂତନ ପ୍ରବାସୀ ଭାରତୀୟ ନାଗରିକ ଓ.ସି.ଆଇ. ପୋର୍ଟାଲର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ତିନି ରାଷ୍ଟ୍ର ଗସ୍ତରେ ଯାଇ ନେଦରଲାଣ୍ଡର ହେଗ୍‌ଠାରେ ଦ୍ୱିପାକ୍ଷିକ ବୈଠକରେ ଯୋଗଦେଲେ ବୈଦେଶିକ ମନ୍ତ୍ରୀ
- ସିନ୍ଧୁଜଳ ଚୁକ୍ତିନାମା ସ୍ଥଗିତ ରଖିବା ଏକ ଐତିହାସିକ ନିଷ୍ପତ୍ତି; କହିଲେ କୃଷିମନ୍ତ୍ରୀ

ଏବଂ

- ଆଇପିଏଲ୍‌ରେ ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା

## ପିଏମ୍- ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସହ ତାଙ୍କର ଭାବବିନିମୟ କରିବେ। ଏହା ‘ମନ୍ କି ବାତ୍’ ମାସିକ ରେଡିଓ କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ ହେବ। ଇଚ୍ଛୁକ ବ୍ୟକ୍ତିମାନେ ଟୋଲ୍ ଫ୍ରି ନମ୍ବର- ୧୮୦୦-୧୧-୭୮୦୦ ମାଧ୍ୟମରେ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସେମାନଙ୍କର ମତାମତ ଏବଂ ପରାମର୍ଶ ପଠାଇପାରିବେ। ସେମାନେ ମଧ୍ୟ ନରେନ୍ଦ୍ର ମୋଦୀ ଆପ୍ କିମ୍ବା mygov ଓପନ୍ ଫୋରମ୍ ମାଧ୍ୟମରେ ଅନଲାଇନ୍‌ରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ମତାମତ ରଖିପାରିବେ।

## ଏଚ୍‌ଏମ୍- ଓସିଆଇ ପୋର୍ଟାଲ

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ର ଅମିତ ଶାହା ନୂତନ ପ୍ରବାସୀ ଭାରତୀୟ ନାଗରିକ ଓ.ସି.ଆଇ. ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ପୂର୍ବରୁ ଥିବା ତ୍ରୁଟିଗୁଡ଼ିକୁ ଦୂର କରିବା ଏବଂ ବ୍ୟବହାର କାରିକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆରମ୍ଭ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ଦଶନ୍ଧିରେ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ଉନ୍ନତି ଏବଂ ଓ.ସି.ଆଇ. କାର୍ଡଧାରୀମାନଙ୍କଠାରୁ ମିଳିଥିବା ମତାମତକୁ ଦୃଷ୍ଟିରେ ରଖି ଏହି ନୂତନ ଓ.ସି.ଆଇ. ପୋର୍ଟାଲ ବିକଶିତ କରାଯାଇଛି।

## ଜୟଶଙ୍କର- ୟୁରୋପ୍ ଭିଜିଟ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର' ତିନି ରାଷ୍ଟ୍ର ନେଦରଲାଣ୍ଡ, ଡେନମାର୍କ ଏବଂ ଜର୍ମାନୀକୁ ତାଙ୍କର ପ୍ରଥମ ପର୍ଯ୍ୟାୟ ଗସ୍ତରେ ଯାଇ ହେଗ୍‌ଠାରେ ପହଁଞ୍ଚିଛନ୍ତି। ବୈଦେଶିକ ମନ୍ତ୍ରୀ ଆଜି ନେଦରଲାଣ୍ଡର ହେଗ୍‌ଠାରେ ପହଁଞ୍ଚିବା ପରେ ରଣନୈତିକ ବିଶେଷଜ୍ଞମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଛନ୍ତି। ଏହି ବୈଠକ ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଆଲୋଚନାରେ ଉଭୟ ଦେଶ ମଧ୍ୟରେ ସକାରାତ୍ମକ ମତବିନିମୟ ହୋଇଛି। ଭାରତ ଏବଂ ନେଦରଲାଣ୍ଡ ତଥା ୟୁରୋପୀୟ ସଂଘ ବହୁମୁଖୀ ଏବଂ ରଣନୈତିକ ଭାଗିଦାରୀ କ୍ଷେତ୍ରରେ ଅଂଶଗ୍ରହଣ କରିବା ନେଇ ଏହି ବୈଠକରେ ମତପ୍ରକାଶ ପାଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀ ତିନୋଟି ଦେଶର ନେତୃତ୍ୱଙ୍କୁ ଭେଟିବେ ଏବଂ ଦ୍ୱିପାକ୍ଷିକ, ପାରସ୍ପରିକ ସ୍ୱାର୍ଥ ସମ୍ବଳିତ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ତାଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

## ଶିବରାଜ ଇଣ୍ଡସ୍ ୱାଟର ଟ୍ରିଟି

କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ସିନ୍ଧୁଜଳ ଚୁକ୍ତିନାମା ସ୍ଥଗିତ ରଖିବା ଦ୍ୱାରା ରାଜସ୍ଥାନ, ପଞ୍ଜାବ, ହରିୟାଣା ଏବଂ ହିମାଚଳ ପ୍ରଦେଶର କିଛି ଅଞ୍ଚଳର ଚାଷୀମାନେ ବହୁ ଉପକୃତ ହେବେ।

ନୂଆଦିଲ୍ଲୀରେ ଦେଶର ବିଭିନ୍ନ ସ୍ଥାନର କୃଷକ ଗୋଷ୍ଠୀଙ୍କ ସହ ଆଲୋଚନା କରିବା ସମୟରେ କେନ୍ଦ୍ର ମନ୍ତ୍ରୀ ଏହା କହିଛନ୍ତି। ଭବିଷ୍ୟତରେ ସମସ୍ତ ଚାଷୀମାନଙ୍କୁ ସର୍ବାଧିକ ଲାଭ ସୁନିଶ୍ଚିତ କରିବା ପାଇଁ ଏହି ଜଳର ବ୍ୟବହାର ଉପରେ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ଚୌହ୍ୱାନ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଜଳ ଚୁକ୍ତିନାମା ସ୍ଥଗିତ ରଖିବା ଏକ ଐତିହାସିକ ନିଷ୍ପତ୍ତି। ପାକିସ୍ତାନକୁ ପାଣି ଯୋଗାଇବା ଭାରତୀୟ ଚାଷୀଙ୍କ ପ୍ରତି ଅନ୍ୟାୟ ବୋଲି ସେ କହିଛନ୍ତି।

**V/O– SHIVRAJ-SINGH-ON-SINDHU**

ଚାଷୀ ଗୋଷ୍ଠୀର ପ୍ରତିନିଧିମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରି ସିନ୍ଧୁଜଳ ଚୁକ୍ତିନାମା ଉପରେ ସେମାନଙ୍କର ପରାମର୍ଶ ନେଇଛନ୍ତି।

# ଲେହ– କିରେନ ରିଜିଜୁ

କେନ୍ଦ୍ର ସଂସଦୀୟ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି, ସରକାରଙ୍କ ଦ୍ୱାରା ଗଠିତ ବହୁ ଦଳୀୟ ସଂସଦୀୟ କମିଟି ବିଦେଶ ଗସ୍ତ କରି ବିଶ୍ୱ ନେତାମାନଙ୍କୁ ଅପରେସନ୍ ସିନ୍ଦୂର ଏବଂ ଆତଙ୍କବାଦ ମୁକାବିଲା ପାଇଁ ଭାରତର ସଂକଳ୍ପ ବିଷୟରେ ଅବଗତ କରାଇବ। ଲେହ ଗସ୍ତରେ ଥିବା ଶ୍ରୀ ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲେ। ଲେହଠାରେ ଥିବା

ଶ୍ରଦ୍ଧାଞ୍ଜଳି ପାର୍କରେ ଗ୍ୟାଲସ୍ୱାସ କୁଶୋକ ବକୁଲା ରିନପୋଚେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ସେ ଏହା କହିଛନ୍ତି। ବକୁଲା ରିନପୋଚ ଲଦାଖର ଜଣେ ବିଶିଷ୍ଟ ଆଧ୍ୟାତ୍ମିକ, ରାଜନୈତିକ ତଥା କୂଟନୈତିଜ୍ଞ ଥିଲେ। ଯିଏ ଦୁଇଥର ମଙ୍ଗୋଲିଆର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। ଜୀବନର ବିଭିନ୍ନ କ୍ଷେତ୍ରରେ ନିଃସ୍ୱାର୍ଥପର ସେବା ପାଇଁ କୁଶକ ବୋକୁଲା ରିନପୋଚେଙ୍କୁ ଆଧୁନିକ ଲଦାଖର ନିର୍ମାତା ଭାବେ ବିବେଚନା କରାଯାଇ ୧୯୮୮ ମସିହାରେ ତାଙ୍କୁ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା।

## ଆର୍ମି ଚିଫ୍-ରିଭ୍ୟୁ

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରାଜସ୍ଥାନର ମରୁଭୂମି ସେକ୍ଟର କୋଣାର୍କ କର୍ପସ ଆଗୁଆ ଅଞ୍ଚଳ ଲୋଙ୍ଗେୱାଲା ଗସ୍ତ କରିଛନ୍ତି। ସେଠାରେ ସେ ସୈନିକମାନଙ୍କ ସହ ଅପରେସନ୍ ସିନ୍ଦୂର ସମୟରେ ସେମାନଙ୍କ ପ୍ରମୁଖ ଭୂମିକା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ବାୟୁସେନା ଏବଂ ସୀମା ସୁରକ୍ଷା ବାହିନୀ ସହ ସମନ୍ୱୟ ରକ୍ଷା କରି ନିଆଯାଇଥିବା ମିଳିତ କାର୍ଯ୍ୟାନୁଷ୍ଠାନ ଗୁଡ଼ିକର ସେ ସମୀକ୍ଷା କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାରୋଗର ନିରାକରଣ ଓ ଚିକିତ୍ସା** ଶୀର୍ଷକ

ଆଲୋଚନାର ପ୍ରଚାର କରାଯିବ । ଏମ୍‌ସର ପଲ୍‌ମୋନାରୀ ମେଡସିନ୍ ବିଭାଗର ସହକାରୀ ପ୍ରଫେସର ଡାକ୍ତର ସୌରଭ ମିତ୍ତଲ ଏବଂ ସଫଦରଜଙ୍ଗ ହସ୍ପିଟାଲ୍‌ର ପଲ୍‌ମୋନାରୀ ମେଡିସିନ୍ ବିଭାଗ ମୁଖ୍ୟ ଡାକ୍ତର ରୋହିତ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଏନ୍‌ଆଇଏ-ମିଲିଟାଣ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା– ଏନ୍.ଆଇ.ଏ. ବିଦ୍ରୋହୀ ଗୋଷ୍ଠୀ ପିପୁଲ୍ସ ରିଭୋଲ୍ୟୁସନାରୀ ପାର୍ଟି ଅଫ୍ କାଙ୍ଗଲେଇପାକ୍ ସହ ଜଡ଼ିତ ଜଣେ ଆତଙ୍କବାଦୀକୁ ଗିରଫ କରିଛି । ମଣିପୁର ଜାଇରାୱାନ୍ ଗ୍ରାମରେ ଗତ ବର୍ଷ ନଭେମ୍ବର ମାସରେ ଜଣେ ମହିଳାଙ୍କୁ ହତ୍ୟା, ଅନେକ ଘର ପୋଡ଼ି ଏବଂ ଲୁଟ୍ ଘଟଣାରେ ସମ୍ପୃକ୍ତ ଅପରାଧର ସେ ମୁଖ୍ୟ ଅଭିଯୁକ୍ତ ଥିଲା । ଏନ୍.ଆଇ.ଏ ସୂଚନା ଅନୁଯାୟୀ, ରାଜକୁମାର ମଇପାକସନାକୁ କେରଳର କନ୍ନୁର ଜିଲ୍ଲାରୁ ଗିରଫ କରାଯାଇଥିଲା । ଏନ୍.ଆଇ.ଏ. ଏହାର ତଦନ୍ତ ଜାରି ରଖିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜାଖୋଜି କରୁଛି । ମଣିପୁରର ତେଙ୍ଗ୍ନୋପାଲ ଜିଲ୍ଲାର ମରେ ଅଞ୍ଚଳରେ ଆଇ.ଆର୍.ବି. ପୋଷ୍ଟ ଉପରେ

ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜଣେ ଦୁର୍ବୃତ୍ତକୁ ମଧ୍ୟ ଏନ୍.ଆଇ.ଏ. ଗିରଫ କରିବା ସହ ଆସାମର ସିଲଚର୍‌ରୁ ଥାଙ୍ଗମିନ୍‌ଲାର ମେଟ୍‌କୁ ଗତକାଲି ଗିରଫ କରିଛି। ଗତ ବର୍ଷ ଜାନୁଆରୀ ୧୭ ତାରିଖରେ ଏହି ଅଭିଯୁକ୍ତମାନେ ମଣିପୁରର ଜଣେ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିଥିବାବେଳେ ଏଥିରେ ଅନ୍ୟ ଦୁଇଜଣ ପୁଲିସ କର୍ମୀ ଗୁରୁତର ଆହତ ହୋଇଥିଲେ।

## ପଞ୍ଜାବ– ଟୁ ସ୍ପାଏ ଆରେଷ୍ଟେଡ୍

ପଞ୍ଜାବ ପୁଲିସ ସମ୍ବେଦନଶୀଳ ସାମରିକ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି। ରାଜ୍ୟ ପୁଲିସ ମୁଖ୍ୟ ଗୌରବ ଯାଦବ କହିଛନ୍ତି, ଗୁରୁଦାସପୁରର ସୁଖପ୍ରିତ ସିଂହ ଏବଂ କରଣବୀର ସିଂହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇ.ଏସ୍.ଆଇ. ସହିତ ମିଶି ଅପରେସନ୍ ସିନ୍ଦୂର ବିଷୟରେ ଗୋପନୀୟ ତଥ୍ୟ ପାକିସ୍ତାନକୁ ଯୋଗାଇବା ପାଇଁ ନିୟୋଜିତ ଥିଲେ। ସୈନ୍ୟମାନଙ୍କ ଗତିବିଧି ଏବଂ ପଞ୍ଜାବ, ହିମାଚଳ ପ୍ରଦେଶ ତଥା ଜାମ୍ମୁକାଶ୍ମୀରର ରଣନୈତିକ ତଥ୍ୟ ବିଷୟରେ ସେମାନେ ପାକିସ୍ତାନକୁ ସୂଚନା ପ୍ରଦାନ କରିବାକୁ ପ୍ରୟାସ କରିଥିଲେ। ଗୁରୁଦାସପୁର ପୁଲିସ ଉଭୟ ସନ୍ଦିଗ୍ଧ ଗୁପ୍ତଚରଙ୍କୁ ଗିରଫ କରିବା ସହ ସେମାନଙ୍କ ମୋବାଇଲ ଫୋନ୍, ଫରେନସିକ୍ ପରୀକ୍ଷାଗାରକୁ ପଠାଇଛି। ସେମାନଙ୍କଠାରୁ ତିନୋଟି ମୋବାଇଲ ଫୋନ୍ ଏବଂ ଜୀବନ୍ତ ଗୁଳି ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ମେ’ ମାସ ୧୧ ତାରିଖରେ ମାଲେରକୋଟଲାଠାରେ

ପୁଲିସ ଗଜାଲା ଏବଂ ୟାମିନ୍ ମହମ୍ମଦ ନାମକ ଜଣେ ମହିଳା ସମେତ ଦୁଇଜଣ ଗୁପ୍ତଚରଙ୍କୁ ଗିରଫ କରିଥିବାବେଳେ ଦେବେନ୍ଦର ସିଂହ ଢିଲୋନ୍‌ଙ୍କୁ ହରିୟାଣାର କୈଥଲରୁ ଗିରଫ କରିଥିଲା ।

## ପଞ୍ଜାବ-ଏୟାର ଆସଲ୍ଟ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁକ୍ କହିଛନ୍ତି, ଗତ ୮ ତାରିଖରେ ଅମୃତସରର ଶ୍ରୀହରି ମନ୍ଦିର ସାହିବ ସ୍ୱର୍ଣ୍ଣ ମନ୍ଦିର ଉପରେ ପାକିସ୍ତାନ ବାୟୁସେନା  ଦ୍ୱାରା କରାଯାଇଥିବା କଥିତ ଆକ୍ରମଣ ପାକିସ୍ତାନ ସେନା ଏବଂ ସେଠାକାର ସରକାରଙ୍କ ମାନସିକ ସ୍ଥିତିକୁ ଦର୍ଶାଇଛନ୍ତି । ଭାରତର ଅପରେସନ୍ ସିନ୍ଦୂରର ଜବାବରେ ମନ୍ଦିର ଗର୍ଭଗୃହକୁ ଲକ୍ଷ୍ୟ କରି ପାକିସ୍ତାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିବା ସମ୍ପର୍କରେ ସେଠାକାର ସେନା ଅଧିକାରୀଙ୍କ ଉକ୍ତିକୁ ଉଲ୍ଲେଖ କରି ଶ୍ରୀ ଚୁକ୍ କହିଛନ୍ତି, ଆମର ପରାକ୍ରମୀ ସଶସ୍ତ୍ର ବାହିନୀ ଭାରତର ଆତ୍ମା ଉପରେ କରାଯାଇଥିବା ପ୍ରୟାସକୁ ବିଫଳ କରିଛନ୍ତି । ଆମ ଦେଶର ସାହସୀ ସୈନିକମାନଙ୍କୁ ଆମେ ସଲାମ କରୁଛୁ ବୋଲି ସେ କହିଛନ୍ତି । ପୁଞ୍ଚ୍‌ର ଏକ ଗୁରୁଦ୍ୱାର ଉପରେ ପାକ୍ ସେନାଦ୍ୱାରା କରାଯାଇଥିବା ଏକ ଆକ୍ରମଣରେ ତିନିଜଣ ଲୋକ ପ୍ରାଣ ହରାଇଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି ।

## କର୍ଣ୍ଣାଟକ- ବେଙ୍ଗାଲୁରୁ ରେନ୍

ବେଙ୍ଗାଲୁରୁରେ ରାତିସାରା ବର୍ଷା ହେବା ଯୋଗୁଁ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ହ୍ୱାଇଟ୍ ଫିଲ୍ଡ ଅଞ୍ଚଳରେ ଏକ ଘରର କାନ୍ଥଭୁଶୁଡ଼ି ପଡ଼ିବା ଯୋଗୁଁ ଜଣେ ୩୫ ବର୍ଷୀୟ ମହିଳାଙ୍କର ମୃତ୍ୟୁ ହୋଇଛି। କେଙ୍ଗେରୀରେ ପ୍ରାୟ ୧୦୦ରୁ  ଅଧିକ ଘର ପାଣିରେ ବୁଡ଼ି ଯାଇଥିବାବେଳେ ପାଣି ନିଷ୍କାସନ ପାଇଁ ପମ୍ପସେଟ୍ ବ୍ୟବହାର କରାଯାଇଛି। ଗତ ରାତିରେ ସେଠାରେ ୬୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ରାସ୍ତାରେ ପାଣି ଜମି ଅନେକ ଗାଡ଼ି ବୁଡ଼ି ଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର କହିଛନ୍ତି, ସହରବାସୀଙ୍କୁ ରିଲିଫ୍ ଯୋଗାଇବା ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପାନୀୟ ଜଳ ଯୋଗାଣ କରାଯାଉଥିବା ବେଳେ ଏନ୍.ଡି.ଆର୍.ଏଫ୍., ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ରାସ୍ତା ସଫା କରିବା ସହ ଲୋକମାନଙ୍କୁ ସହାୟତା ଯୋଗାଉଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଆଉ କିଛି ସମୟପରେ ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଛି।

ଅଙ୍କ ତାଲିକାରେ ଗୁଜରାଟ ଟାଇଟନ୍ସ ୧୮ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ୧୭ ପଏଣ୍ଟ ସହ ଆର୍.ସି.ବି ଦ୍ୱିତୀୟ ସ୍ଥାନରେ ଓ ପଞ୍ଜାବ କିଙ୍ଗ୍ସ ତୃତୀୟ ସ୍ଥାନରେ ରହିଛି ।